# ପୋସ୍କୋ ଜନଶୁଣାଣିରୁ ଶିକ୍ଷା- ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଚିନ୍ତା (୨)

## ଉପେକ୍ଷିତ ଜନଶୁଣାଣି

ଏହି ଲେଖାଟି ପ୍ରସ୍ତୁତ କଲାବେଳକୁ ଏପ୍ରିଲ୍ ୧୯ ତାରିଖରେ ଦେଶର ପ୍ରଧାନମନ୍ତ୍ରୀ ଓ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଭିତରେ ପୋସ୍କୋ ସମ୍ବନ୍ଧରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇ ଯାଇଥିବା ବହୁ-ପ୍ରତିକ୍ଷୀତ ବୈଠକର ସାରାଂଶ ବିବରଣୀ ଗଣମାଧ୍ୟମ ଗୁଡିକରେ ପ୍ରକାଶ ପାଇସାରିଛି । ଉଭୟ ନେତା ପୋସ୍କୋ ପ୍ରକଳ୍ପ ପାଇଁ କିପରି ଅତିଶୀଘ୍ର ଜମି ଅଧିଗ୍ରହଣ କରାଯିବ, ସେ ବିଷୟରେ ସହମତ ହୋଇଛନ୍ତି; ଏହାଛଡା ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପୋସ୍କୋକୁ ଯଦି ତା'ର ଆବେଦନ ଅନୁଯାୟୀ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ (ଏସ୍.ଇ.ଜେଡ୍.)ର ମାନ୍ୟତା ଦେବାକୁ ପଡେ, ତେବେ ଆଇନତଃ ଏହି କମ୍ପାନୀ ସିଧାସଳଖ ସଂପୃକ୍ତ ଅଞ୍ଚଳର ଜମିମାଲିକଙ୍କ ସହ ମୂଲଚାଲ କରିବାକୁ ହେବ, ଯେଉଁ ପ୍ରକ୍ରିୟାରେ ସରକାର କେବଳ ସହାୟକର ଭୂମିକା ନେଇପାରନ୍ତି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ପୂର୍ବଭଳି ତାଙ୍କର ରହସ୍ୟୋଦ୍ଦୀପକ ଢଙ୍ଗରେ କହିଛନ୍ତି ଯେ, 'ମାନବିକତା' ସହକାରେ ପୋସ୍କୋପାଇଁ ଜମିଅଧିଗ୍ରହଣ କାର୍ଯ୍ୟ ସଂପୂର୍ଣ୍ଣ କରାଯିବ । କାଲଠାର କାଲ ମା ଜାଣେ, ଏହି ନ୍ୟାୟରେ ଡକ୍ଟର ମନମୋହନ ସିଂଙ୍କ ଭଳି ଜଣେ କେନ୍ଦ୍ରୀୟ ନେତା ହୁଏତ୍ ଶ୍ରୀ ନବୀନ ପଟ୍ଟନାୟକଙ୍କ ଭଳି ଜଣେ ରାଜ୍ୟନେତାଙ୍କ ସାଂକେତିକ ଶବ୍ଦ 'ମାନବିକତା'ର ଅସଲ ଗୁମର ବୁଝି ଥାଇପାରନ୍ତି, କିନ୍ତୁ ଓଡିଶାବାସୀ, ବିଶେଷକରି ବିଭିନ୍ନ ସ୍ଥାନରେ ପ୍ରକଳ୍ପ କାରଣରୁ ବିସ୍ଥାପିତ ହୋଇଥିବା ବା ବିସ୍ଥାପିତ ହେବାକୁ ଥିବା ସାଧାରଣ ଲୋକଙ୍କ ପାଇଁ ଏହି ଆପାତ-ମଧୁର ପରିଭାଷାର ବାସ୍ତବ ଜଞ୍ଜାଳ ଅପରିସୀମ । କିନ୍ତୁ ଏଠାରେ ଉଲ୍ଲେଖନୀୟ ଯେ, ଉଭୟ ନେତାଙ୍କ ଭିତରେ ଏହି ସୁଦୀର୍ଘ ଆଲୋଚନା ବେଳେ ମାତ୍ର ୪ ଦିନ ତଳେ, ଅର୍ଥାତ୍ ଏପ୍ରିଲ୍ ୧୫ରେ କୁଜଙ୍ଗଠାରେ ଅନୁଷ୍ଠିତ ହୋଇଯାଇଥିବା ପୋସ୍କୋ ଜନଶୁଣାଣିର ମତାମତକୁ ମୋଟେ ବିଚାରକୁ ନିଆଯାଇନି । ଏଥିରୁ ମନେହୁଏ, କେନ୍ଦ୍ର କି ରାଜ୍ୟ ନେତୃତ୍ୱଙ୍କ ପାଇଁ ଜନଶୁଣାଣି କେବଳ ଏକ ଔପଚାରିକ ବ୍ୟାପାର, ଯାହାର ଫଳାଫଳ ସହିତ ସେମାନଙ୍କ ନିଷ୍ପତ୍ତି-ଗ୍ରହଣ ପ୍ରକ୍ରିୟାର କୌଣସି ସଂପର୍କ ନାହିଁ । କିନ୍ତୁ ଦେଶର ପ୍ରଚଳିତ ଆଇନ୍ (ପରିପାର୍ଶ୍ୱ ପ୍ରଭାବ ଅନୁଧ୍ୟାନ ବିଜ୍ଞପ୍ତି- ୨୦୦୬) କହେ- କେନ୍ଦ୍ର ସରକାରଙ୍କ ଅଗ୍ରୀମ ପରିବେଶୀୟ ମଞ୍ଜୁରି ବିନା କୌଣସି 'ଏ' ଶ୍ରେଣୀଭୁକ୍ତ ବୃହତ୍ ପ୍ରକଳ୍ପ ନିଜର କାର୍ଯ୍ୟାରମ୍ଭ କରିପାରିବନି (ଦ୍ରଷ୍ଟବ୍ୟ- ଅନୁଚ୍ଛେଦ ୨ଓ୪) ଏବଂ ଏପ୍ରକାର ପରିବେଶୀୟ ମଞ୍ଜୁରି ପାଇଁ ଜନଶୁଣାଣି ଅନିବାର୍ଯ୍ୟ (ଅନୁଚ୍ଛେଦ୭- ପର୍ଯ୍ୟାୟ ୩) ।

## ଜନଶୁଣାଣିକୁ ସମ୍ମାନ ଦେବା ବାଂଛନୀୟ

ପୋସ୍କୋ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାର ଅତ୍ୟୁତ୍ସାହରୁ କେନ୍ଦ୍ର କି ରାଜ୍ୟ ସରକାର ଆଜି ହୁଏତ୍ ଜନଶୁଣାଣିରେ ପ୍ରତିଫଳିତ ଲୋକମତକୁ ଉପେକ୍ଷା କରିପାରନ୍ତି, କିନ୍ତୁ ଦିନେ ନା ଦିନେ ସେମାନଙ୍କୁ ଏଥିପାଇଁ ମୂଲ୍ୟ ଦେବାକୁ ପଡିବ, ଠିକ୍ ଯେମିତି କଳିଙ୍ଗନଗର ଏବଂ ନନ୍ଦିଗ୍ରାମର ବିଭୀଷିକା ପରିପ୍ରେକ୍ଷିରେ ଘଟିସାରିଛି । ଏହି ଦୁଇଟି ସ୍ଥାନରେ ଲୋକମତକୁ ଉପେକ୍ଷା କରି ପୋଲିସ୍-ପ୍ରଶାସନ ଦ୍ୱାରା ଜମିଅଧିଗ୍ରହଣ କରିବାର ଅପଉଦ୍ୟମ ଯୋଗୁଁ ପ୍ରସ୍ତାବିତ ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ବାଧାଗ୍ରସ୍ତ ହୋଇ ପଛେଇଯାଇଛି । ସୁତରାଂ ପୋସ୍କୋ ଉପରେ ସଦ୍ୟ-ଅନୁଷ୍ଠିତ ଜନଶୁଣାଣିର ଲୋକମତକୁ ଯଦି ରାଜନେତାମାନେ ସେହି ଅବାଂଛିତ ଢଙ୍ଗରେ ଉପେକ୍ଷା କରି ଚାଲନ୍ତି, ତେବେ ସେମାନେ ହିଁ ଭାରତରେ ଏହି ପ୍ରକଳ୍ପର ଭବିଷ୍ୟତକୁ ଘୋର ଅନିଶ୍ଚୟତା ମଧ୍ୟକୁ ଠେଲି ଦେବେ, ଏହା ନିଃସନ୍ଦେହ । ସୁତରାଂ ଯଦି ପୋସ୍କୋ ଭଳି ଦେଶର ସର୍ବବୃହତ୍ ବୈଦେଶିକ ପୁଂଜିନିବେଶକୁ କେନ୍ଦ୍ର ଓ ରାଜ୍ୟସରକାର ହାତଛଡା କରିବାକୁ ଚାହାଁନ୍ତି ନି, ତେବେ ସେମାନଙ୍କୁ ଗତ ଜନଶୁଣାଣିରେ ପ୍ରତିଫଳିତ ହୋଇଥିବା ପ୍ରତିଟି ଅଭିମତକୁ ସବିଶେଷ ବିଚାରଣା ପୂର୍ବକ ତହିଁରେ ନିହିତ ଥିବା ଯୌକ୍ତିକ ସାରବତ୍ତାକୁ ଗ୍ରହଣ କରିବାକୁ ପଡିବ ।

## ଜନଶୁଣାଣିରେ ଲୋକମତ କ'ଣ ଥିଲା ?

ଗଣମାଧ୍ୟମରୁ ସମସ୍ତେ ଜାଣିଥିବେ ଯେ, ପୋସ୍କୋ ପ୍ରଭାବିତ ୩ଟି ପଞ୍ଚାୟତ(ଢିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ) ଭିତରୁ ଦୁଇ ସରପଞ୍ଚ (ଢିଙ୍କିଆରେ ସରପଞ୍ଚ ନିର୍ବାଚନ ହୋଇପାରିନି)ଙ୍କ ସମେତ ବ୍ୟାପକ ସଂଖ୍ୟକ ଗ୍ରାମବାସୀ ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତି ଡାକରାରେ ଏହି ଜନଶୁଣାଣିକୁ ବର୍ଜ୍ଜନ କରିଥିଲେ; କାରଣ ସେମାନଙ୍କ କହିବା ଅନୁଯାୟୀ, ଏହି ଜନଶୁଣାଣି ଆଇନ୍ [ବିଜ୍ଞପ୍ତି-୨୦୦୬ର ଅନୁଚ୍ଛେଦ-୭ ଓ ପରିଶିଷ୍ଟ-୪(୧)] ଅନୁଯାୟୀ ପ୍ରକଳ୍ପ ସ୍ଥାନରେ ବା ଏହା ସନ୍ନିକଟରେ ଆୟୋଜିତ ନହୋଇ ପ୍ରାୟ ୨୦ କି.ମି. ଦୂରବର୍ତ୍ତୀ କୁଜଙ୍ଗଠାରେ ଡକାଯାଇଛି । ସେହି ୩ଟି ପଞ୍ଚାୟତର ଯେଉଁ କେତେକ ବ୍ୟକ୍ତି ଜନଶୁଣାଣିରେ ବକ୍ତବ୍ୟ ରଖିଥିଲେ, ସେମାନେ ମଧ୍ୟ ସମସ୍ୱରରେ କୁଜଙ୍ଗକୁ ସ୍ଥାନ-ଚୟନ ନିଷ୍ପତ୍ତିର ପ୍ରତିବାଦ କରିଥିଲେ ଏବଂ ନିଜ ଅଞ୍ଚଳର ଲୋକଙ୍କୁ ଜନଶୁଣାଣିରେ ପ୍ରତ୍ୟକ୍ଷଭାବେ ଭାଗନେବାର ସୁଯୋଗ ଦେବାସକାଶେ ଆଉ ଏକ ପୂର୍ଣ୍ଣାଙ୍ଗ ଜନଶୁଣାଣି ବିଧିବଦ୍ଧ ଢଙ୍ଗରେ ଆୟୋଜନ କରିବାକୁ ଦାବୀ ଜଣାଇଥିଲେ । କେବଳ ଏତିକି ନୁହେଁ, ସବାଶେଷରେ ସଭାପତି ଏ.ଡି.ଏମ୍.ଙ୍କ ଆହ୍ୱାନ୍ କ୍ରମେ ପୋସ୍କୋ ପରିବେଶବିତ୍ ଯେତେବେଳେ ଉପସ୍ଥାପିତ ଅଭିଯୋଗଗୁଡିକର ଉତ୍ତର ଦେବାକୁ ଠିଆହେଲେ, ଜନଶୁଣାଣିରେ ବକ୍ତବ୍ୟ ରଖିଥିବା ବିଶିଷ୍ଟ କୈବର୍ତ୍ତ ନେତା ଶ୍ରୀ ଶଂଖନାଦ ବେହେରା ତଥା ଆହୁରି ଅନେକ ସ୍ଥାନୀୟ ପ୍ରତିନିଧି ତାଙ୍କ ପ୍ରତି ନିଜର ଘୋର ପ୍ରତିବାଦ ପ୍ରକଟ କରିଥିଲେ ଏବଂ ପରିଣତି ସ୍ୱରୂପ ପୋସ୍କୋ ପ୍ରତିନିଧି କିଛି କହି ପାରିନଥିଲେ ।

## ପୋସ୍କୋ-ପ୍ରସ୍ତୁତ ବିବରଣୀ ଉପରେ କଡା ଟିପ୍ପଣୀ

ଯଦିଓ ଆଇନତଃ ଜନଶୁଣାଣି ସମସ୍ତଙ୍କ ପାଇଁ ଉନ୍ମୁକ୍ତ, କିନ୍ତୁ ଉପସ୍ଥିତ ଜନତାଙ୍କ ଦାବୀ ଫଳରେ କେବଳ ପ୍ରଭାବିତ ୩ ପଞ୍ଚାୟତର ପ୍ରତିନିଧିମାନେ ସେଦିନର ଜନଶୁଣାଣିରେ ମୌଖିକ ବକ୍ତବ୍ୟ ଉପସ୍ଥାପନ କରିବାର ସୁଯୋଗ ପାଇଥିଲେ, ଏବଂ ଅନ୍ୟ ବ୍ୟକ୍ତିମାନେ ସେମାନଙ୍କର ମତାମତକୁ ଲିଖିତ ରୂପରେ ଦାଖଲ

କରିଥିଲେ । ଅନେକ ବକ୍ତା, ଯେଉଁମାନେ କି ପୋସ୍କୋ-ପ୍ରକଳ୍ପକୁ ସର୍ତ୍ତସାପେକ୍ଷ ସମର୍ଥନ ଜଣାଇ ଆସୁଛନ୍ତି, ସେମାନେ ମଧ୍ୟ ପୋସ୍କୋ-ପ୍ରସ୍ତୁତ ପରିବେଶ ଅନୁଧ୍ୟାନ ବିବରଣୀର ବିଭିନ୍ନ ଗୁରୁତର ତ୍ରୁଟିବିଚ୍ୟୁତି ବିଷୟରେ ବେଶ୍ ଶାଣିତ ସମାଲୋଚନା କରିଥିଲେ; ଯେପରିକି ନୂଆଗାଁର ଶ୍ରୀ ତାମିଲ୍ ପ୍ରଧାନ କହିଥିଲେ ଯେ, ସ୍ଥାନୀୟ ଲୋକେ ମହାବାତ୍ୟା ପରଠାରୁ ଜଗିଆସୁଥିବା ବିସ୍ତୀର୍ଣ୍ଣ ଝାଉଁଜଙ୍ଗଲକୁ ପୋସ୍କୋ କମ୍ପାନୀ ଅଧିଗ୍ରହଣ କରିବା ପୂର୍ବରୁ ତତୋଧିକ ପରିମାଣର ଜଙ୍ଗଲ ପ୍ରଥମେ ସୃଷ୍ଟି କରନ୍ତୁ । ସେହି ଗାଁର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ଅନାଦି ରାଉତଙ୍କ ମତରେ ବର୍ତ୍ତମାନ ଧାନ, ପାନ ଓ ମୀନ ତଥା କାଜୁ ଚାଷକରି ସ୍ୱଚ୍ଛଳରେ ଚଳୁଥିବା ଲୋକେ ବିସ୍ଥାପିତ ହେଲାପରେ କେମିତି ଚଳିବେ, ତହିଁର ସୁନିର୍ଦ୍ଦିଷ୍ଟ ଚିତ୍ର ପୋସ୍କୋ ବିବରଣୀରେ ସ୍ଥାନିତ ହୋଇନାହିଁ । ନୋଳିଆସାହିର ଶ୍ରୀ ଜୀବନ ବେହେରାଙ୍କ ମତରେ ବିସ୍ଥାପିତ ମଣିଷଙ୍କ ପାଇଁ କ୍ଷତିପୂରଣ ଓ ଥଇଥାନ ପ୍ରଶ୍ନକୁ ଏଡାଇ ଯାଇ ପରିବେଶ ନାଁରେ କେବଳ ମାଟିପାଣିପବନ କି ଜୀବଜନ୍ତୁଙ୍କ ଭିତରେ ଜନଶୁଣାଣିକୁ ସୀମିତ କରିବାର କୌଣସି ମାନେ ନଥାଏ । ଗଡକୁଜଙ୍ଗ ନିବାସୀ ଶ୍ରୀ ବଟକୃଷ୍ଣ ସାହୁ କହିଥିଲେ ଯେ, ନିୟମ ଅନୁଯାୟୀ ସାଧାରଣ ଲୋକଙ୍କ ଅବଗତି ପାଇଁ ପୋସ୍କୋ-ପ୍ରସ୍ତୁତ ବିବରଣୀ ୩ ପଞ୍ଚାୟତକୁ ମାସକ ଆଗରୁ ଆସିବା କଥା, ଯାହାକି ପ୍ରଶାସନ ଦ୍ୱାରା କାର୍ଯ୍ୟକାରୀ କରାଯାଇନି, ଏବଂ ପୁଣି ମାତ୍ର ୪୭୧ଟି ପରିବାର ବିସ୍ଥାପିତ ହେବେ ବୋଲି ଏହି ବିବରଣୀରେ ଯେଉଁ ପରିସଂଖ୍ୟାନ ଦିଆଯାଇଛି, ତାହା ସଂପୂର୍ଣ୍ଣ ଭ୍ରମାତ୍ମକ । ନୂଆଗାଁର ଚାଷୀ ଶ୍ରୀ ବିଷ୍ଣୁ ପାତ୍ର ବର୍ତ୍ତମାନ ବଙ୍ଗୋପସାଗର ଉପକୂଳରୁ ବନ୍ଧେ ପର୍ଯ୍ୟନ୍ତ ପାନ, କାଜୁ ଓ ମାଛ ବେପାର କରି ଆତ୍ମ-ନିଯୁକ୍ତ ହୋଇ ମୋଟାମୋଟି ସ୍ୱଚ୍ଛଳଭାବେ ଚଳୁଥିବା ୩ ପଞ୍ଚାୟତର ଲୋକଙ୍କୁ ପୋସ୍କୋ କମ୍ପାନୀ ଅଧିକା ସୁବିଧା ଦେଇପାରିବ କି ବୋଲି ଓଲଟା ପ୍ରଶ୍ନ ପଚାରିଥିଲେ । ଜନଶୁଣାଣି ସ୍ଥଳକୁ ବହୁଶତ କୈବର୍ତ୍ତମାନଙ୍କୁ ପଟୁଆରରେ ଆଣିଥିବା ଆଡ୍‌ଭୋକେଟ୍ ଶ୍ରୀ ବିଭୁପ୍ରସାଦ ତରେଇ ନିଜ ବକ୍ତବ୍ୟରେ ଜଟାଧାର ମୁହାଣରେ ବନ୍ଦର ପ୍ରସ୍ତାବକୁ ଘୋର ବିରୋଧ କରି କହିଲେ ଯେ, ଏହାଫଳରେ ପ୍ରାୟ ୩୦ରୁ ୪୦ ହଜାର କୈବର୍ତ୍ତମାନଙ୍କର କୌଳିକ ବୃତ୍ତି ଉଜୁଡିଯିବା ସହିତ ପ୍ରତିବର୍ଷ ବନ୍ୟାଜଳର ନିଷ୍କାସନ ପଥ ସଂପୂର୍ଣ୍ଣ ରୂପେ ଅବରୁଦ୍ଧ ହୋଇ ପଡିବ । ଶ୍ରୀ ଶଂଖନାଦ ବେହେରା ମଧ୍ୟ ଅନୁରୂପ ଯୁକ୍ତି ଦର୍ଶାଇବା ସହିତ ବିପନ୍ନ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଯାତାୟତ ପଥ ବନ୍ଦର ପ୍ରତିଷ୍ଠା ଦ୍ୱାରା ବାଧାଗ୍ରସ୍ତ ହୋଇପଡିବ ବୋଲି ସୂଚାଇଥିଲେ ।

## ପ୍ରଶାସନ ଓ କମ୍ପାନୀଙ୍କୁ ପ୍ରଶ୍ନ

ସେଦିନର ଜନଶୁଣାଣିରେ ଆଉ କେତେକ ମତ ବିଭିନ୍ନ ବକ୍ତାଙ୍କ ଦ୍ୱାରା ପ୍ରଶ୍ନ ଛଳରେ ବାରମ୍ବାର ଦୋହରା ଯାଇଥିବାର ଲକ୍ଷ୍ୟ କରାଯାଇଥିଲା । ପ୍ରଥମତଃ ଯେଉଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବର୍ତ୍ତମାନ ଜନଶୁଣାଣି କରୁଛନ୍ତି, ସେମାନେ ଅତୀତରେ ଓସ୍‌ଆଲ୍ କମ୍ପାନୀ  ଦ୍ୱାରା କରାଯାଇଥିବା ବ୍ୟାପକ ପ୍ରଦୂଷଣକୁ ରୋକିବାରେ ବ୍ୟର୍ଥ ହୋଇଥିବାରୁ କି ଗ୍ୟାରେଣ୍ଟି ଅଛି, ସେମାନେ ପୋସ୍କୋ ଦ୍ୱାରା ହେବାକୁ ଥିବା ପ୍ରଦୂଷଣକୁ ରୋକିପାରିବେ ? ଦ୍ୱିତୀୟତଃ ଯେଉଁ ଜିଲ୍ଲା ପ୍ରଶାସନ ପୋସ୍କୋକୁ କେନ୍ଦ୍ରକରି ସ୍ଥାନୀୟ ଅଧିବାସୀଙ୍କ ଭିତରେ ଲାଗିରହିଥିବା ଅସନ୍ତୋଷ ଓ ବିଶୃଙ୍ଖଳାକୁ ସମାଧାନ କରିବାରେ ଗତ ୨ବର୍ଷ ଧରି ବିଫଳ ରହିଆସିଛି, ସେ କିପରି ପୋସ୍କୋ ଭଳି ଏକ ବୃହତ୍ ପ୍ରକଳ୍ପକୁ ସାକାର କରିପାରିବ ? ତୃତୀୟତଃ, ଯେଉଁ ପୋସ୍କୋ କମ୍ପାନୀ ଲୋକମାନଙ୍କ ପାଖକୁ ସିଧାସଳଖ ନଯାଇ କେବଳ ପୋଲିସ୍ ଓ ପ୍ରଶାସନ ସାହାଯ୍ୟରେ ଉପରେଉପରେ ନିଜର ପ୍ରକଳ୍ପକୁ ଆଗେଇ ନେବାକୁ ଚେଷ୍ଟା କରୁଛି, ତାହା କେବେ ସଫଳ ହୋଇପାରିବ କି ? ଚତୁର୍ଥତଃ ଯେଉଁ ପୋସ୍କୋ କମ୍ପାନୀ ନିଜେ ସେ ଅଞ୍ଚଳକୁ ନଯାଇ ପ୍ରଭାବିତ ଅଞ୍ଚଳ ସମ୍ବନ୍ଧରେ ତାହାମିଛ କଥାସବୁ ଲେଖିଛି (ଯଥା- ଏ ଅଞ୍ଚଳରେ ଗୁଆ ହେଉଛି ପ୍ରଧାନ ଚାଷ, ଶତକଡା ୭୦ଭାଗ ଲୋକ ବେକାର ଏବଂ ମାତ୍ର ୪୭୧ଟି ପରିବାର ବିସ୍ଥାପିତ ହେବେ, ଇତ୍ୟାଦି), ସେ କିପରି ସେ ଅଞ୍ଚଳରେ ପ୍ରକଳ୍ପ ସ୍ଥାପନା କରିବାକୁ ସକ୍ଷମ ହେବ ? ପଞ୍ଚମତଃ, ପାରାଦ୍ୱୀପ ବନ୍ଦରର ଖୁବ୍ ନିକଟରେ ଆଉ ଏକ ବନ୍ଦର ହେଲେ, ତହିଁର ବହୁବିଧ କୁପ୍ରଭାବକୁ ଦୂରଦୃଷ୍ଟି ସହିତ ଅଧ୍ୟୟନ କରାଯାଇଛି କି ? ସର୍ବୋପରି ବର୍ତ୍ତମାନ ଚିହ୍ନଟ ହୋଇଥିବା ପ୍ରକଳ୍ପ ସ୍ଥାନ, ଯହିଁର ଆଖପାଖରେ ଘନ ଜନବସତି ରହିଛି, ତାକୁ ବାଦ୍ ଦେଇ ଭୂଆଁପାଳର ଦକ୍ଷିଣ-ପଶ୍ଚିମକୁ ଥିବା ବସତିଶୂନ୍ୟ ଅଞ୍ଚଳକୁ ଉଭୟ ଇସ୍ପାତ କାରଖାନା ଓ ବନ୍ଦର ସ୍ଥାପନା ପାଇଁ ଏକ ବିକଳ୍ପ ସ୍ଥାନ ରୂପେ ସର୍ଭେ କରାଯାଇଛି କି ?

## ସରକାର ଓ ପୋସ୍କୋ ବର୍ତ୍ତମାନ କ'ଣ କରିବା ଉଚିତ୍ ?

ଯଦିଓ ଜନଶୁଣାଣି ଆୟୋଜନ କରିବାର ବିଧିସମ୍ମତ ପ୍ରକ୍ରିୟାକୁ ଉଭୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପ୍ରଶାସନ ବିଭିନ୍ନ ପ୍ରକାରରେ ଉଲ୍ଲଂଘନ କରିଛନ୍ତି, ତଥାପି ଅଧପନ୍ତରିଆ ଢଙ୍ଗରେ ଯେଉଁ ଜନଶୁଣାଣିଟି କୁଜଙ୍ଗରେ ଅନୁଷ୍ଠିତ ହୋଇଗଲା, ତହିଁରେ ଉତ୍‌ଥାପିତ ହୋଇଥିବା ପ୍ରତିଟି ସମସ୍ୟା ଓ ପ୍ରଶ୍ନ ଉପରେ ଉଭୟ ସରକାର ଓ ପୋସ୍କୋ କମ୍ପାନୀ ସଘନ ବିଚାରବିମର୍ଷ କରିବା ଜରୁରୀ । ବିଶେଷକରି ପ୍ରକଳ୍ପର ବିକଳ୍ପ ସ୍ଥାନ ରୂପେ ଯେଉଁ ବସତିଶୂନ୍ୟ ଅଞ୍ଚଳର ନାମ ପ୍ରସ୍ତାବିତ ହୋଇଛି, ସେ ସମ୍ବନ୍ଧରେ ସର୍ବେକ୍ଷଣ ଯଥାଶୀଘ୍ର ଆରମ୍ଭ ହୋଇଯିବା ଆବଶ୍ୟକ । ଏସ୍.ଇ.ଜେଡ୍. ଅଞ୍ଚଳ ପାଇଁ ସରକାର ଜମି ଅଧିଗ୍ରହଣ କରିବେ ନାହିଁ ବୋଲି କେନ୍ଦ୍ର ସରକାର ଯେଉଁ ନିୟମ ପ୍ରଣୟନ କରିଛନ୍ତି, ତାକୁ ମାନି ପୋସ୍କୋ କମ୍ପାନୀ ପୋଲିସ୍-ପ୍ରଶାସନ ଉପରେ ନିର୍ଭର ନକରି ସିଧାସଳଖ ସଂପୃକ୍ତ ଜମିମାଲିକଙ୍କ ସହ ମୂଲଚାଲ ଆରମ୍ଭ କରିଦେବା ଦରକାର । ଏବଂ ସର୍ବୋପରି, ଆଜିକାର ସ୍ଥିତିରେ ପ୍ରଭାବିତ ହେଉଥିବା ୩ ପଞ୍ଚାୟତର ଏକ ମଧ୍ୟସ୍ଥଳରେ ଆଉ ଏକ ପୂର୍ଣ୍ଣାଙ୍ଗ ଜନଶୁଣାଣି ଡାକି ସ୍ଥାନୀୟ ଲୋକଙ୍କ ଦ୍ୱାରା ଉତ୍‌ଥାପିତ ହୋଇଥିବା ଆଶଙ୍କା ଓ ସନ୍ଦେହଗୁଡିକୁ ଉଭୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ସରକାରୀ ପ୍ରଶାସନ ଦ୍ୱାରା ମୋଚନ କରାଯାଉ ।

**Chitta Behera, 4A Jubilee Tower, Choudhury Bazar, Cuttack-9, PH: 9437577546/9861091455, dt 20.4.2007**